# Akashvani, Sambalpur
# SAMBALPURI NEWS MORNING BULLETIN
# 14 April 2026 - 6.47- 6.52 am.

---

ମହାବିଷୁବ ସଂକ୍ରାନ୍ତି ଆର୍‌ଏନ୍‌ୟୁ ସମ୍ବଲପୁର୍

ମହାବିଷୁବ ସଂକ୍ରାନ୍ତି ଅବ୍‌ସରେ ସାରା ରାଏଜେ ଆଏଜ୍ ଉସତ୍ ଉସ୍‌ନାକି ଦେଖ୍‌ବାର୍‌କେ ମିଳିଛେ । ଆଝିର୍ ଦିନୁ ବସନ୍ତ ଋତୁ ଶେଷ୍ ହେଇକରି ଗ୍ରୀଷ୍ମଋତୁ ମୁଲ୍ ହେସି । ତାତିର୍ ମୁକାବିଲା ଲାଗି ପଣା ପିଇବାର୍ ପରମ୍ପରା ରହିଛେ । ହେଥିର୍‌ଲାଗି ଆଝିର୍ ଦିନ୍‌କେ ପଣା ସଂକ୍ରାନ୍ତି ଭାବେ ପାଳନ୍ କରାଯାଏସି । ଓଡ଼ିଆ ପାଞ୍ଜି ହିସାବେ ମହାବିଷୁବ ସଂକ୍ରାନ୍ତି ବଛର୍‌ର ପହେଲା ଦିନ୍ ହେଇଥିବାର୍‌ନୁ ଆଝିର୍ ଦିନ୍‌କେ ଓଡ଼ିଆ ନୂଆବଛର୍ ଭାବେ ଭିଲ୍ ପାଳନ୍ କରାଯାଏସି ।

ବଛର୍ ମୁଲ୍ ହେଉଥିବାର୍‌ନୁ ଘରେ ଘରେ ଦେ' ଦେବ୍‌ତାଙ୍କର୍ ଠାନେ ଖାସ୍ ପୂଜା କରାଯାଉଛେ ।

ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମପାଟି ପବିତ୍ର ମହାବିଷୁବ ସଂକ୍ରାନ୍ତି ଆର୍ ଓଡ଼ିଆ ନବବର୍ଷର୍ ପହେଲା ଦିନେ ରାଜ୍ୟବାସୀଙ୍କୁ

ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନାବାର୍ ସଙ୍ଗେ ଓଡ଼ିଶାକେ ଦେଶର୍ ଶ୍ରେଷ୍ଠ ରାଏଜ୍ କର୍‌ବାର୍ ଲାଗି ସଭେ ମନ୍ ଦେଇକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାବିଷୁବ ସଂକ୍ରାନ୍ତି ଆଉ ଓଡ଼ିଆ ନୂଆବଛର୍ ଅବ୍‌ସରେ ଓଡ଼ିଶା ଆଉ ପୁର୍‌ଥିର୍ ଚାରିକୁତି ରହୁଥିବା ଓଡ଼ିଆମାନଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ଶ୍ରୀମନ୍ଦିର- ପଣାସଂକ୍ରାନ୍ତି ପୁରୀ ସମ୍ବାଦଦାତା

ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ୍ ଜୟନ୍ତୀ ସହେତେ ଓଡ଼ିଆ ନବବର୍ଷ ଲାଗି ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଖାସ୍ ନୀତିକାନ୍ତି କରାଯିବା । ପବିତ୍ର ହନୁମାନ୍ ଜୟନ୍ତୀ ଅବ୍‌ସରେ ଶ୍ରୀକ୍ଷେତ୍ର ନ ଥିବା ୪୦ ନୁ ଅଏତ୍‌କା ଜାଗା ନ ଆଖଡ଼ା ପରିବେଷଣ୍ କରାଯିବା । ଇତାର୍‌ସହେତେ ଆଏଜ୍‌ଠାନୁ ନୂଆଁ ପାଞ୍ଜି ମୁଲ୍ ହେବା ।

ଆମ୍ବେଦ୍‌କର୍ ଜୟନ୍ତୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଭାରତୀୟ ସମ୍ବିଧାନ୍‌ର ପ୍ରଣେତା ଡକ୍ଟର୍ ଭିମ୍‌ରାଓ ଆମ୍ବେଦକର୍‌ଙ୍କର୍ ଆଏଜ୍ ଶହେ ୩୬ ତମ ଜୟନ୍ତୀ । ୧୮୯୧ ମସିହା ଆପ୍ରିଲ୍ ଦିନେ ବାବା ସାହେବ୍ ମହାରାଷ୍ଟ୍ର ନ ଜନମ୍ ହେଇଥିଲେ । ସେ ତିଆର୍ କରିଥିବା ସମ୍ବିଧାନ୍ ୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖ୍‌ଥି ଦେଶେ ଲାଗୁ କରାଯାଇଥିଲା । ଡକ୍ଟର୍ ଆମ୍ବେଦକର ଦେଶର୍ ପହେଲା ଆଇନ୍‌ମନ୍ତ୍ରୀ ଥିଲେ । ଦଲିତ୍ ଆଉ ପଛୁଆ ବର୍ଗର୍ ଲୋକ୍‌ମାନ୍‌କର୍ ସ୍ୱାର୍ଥ ଆର୍ ସ୍ୱାଭିମାନ୍ ରକ୍ଷା ଲାଗି ସେ ସବୁବେଲେ ଚେରେଷ୍ଟା କରୁଥିଲେ । ଇ ମହାନ୍ ନେତାଙ୍କର୍ ଅବଦାନ୍ ଲାଗି ୧୯୯୦ ମସିହାଥି ତାଁକୁ ମରଣୋତର ଭାବେ ଭାରତ୍ ରତ୍ନ ସମ୍ମାନ ଦିଆଯାଇଥିଲା ।

ଆଏଜ୍ ସଖାଲ୍‌ବେଲା ଭୁବନେଶ୍ୱର ଏ.ଜି. ଛକ ନ ଥିବା ତାଙ୍କର୍ ପ୍ରତିମୂର୍ତିଥି ବିଶିଷ୍ଟ ଅତିଥି ମାନେ ମାଲ୍ୟାର୍ପଣ୍ କର୍‌ବେ । ବେଲ୍‌ବୁଡ଼େ ଭୁବନେଶ୍ୱର ଜୟଦେବ ଭବନ୍‌ଠାନେ ହେବାର୍‌କେ ଥିବା ସାଧାରଣ ସଭାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର ସହେତେ ବହୁତ୍ ନେତାମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଓଡ଼ିଆ ପକ୍ଷ-ମହାବିଷୁବ ସଂକ୍ରାନ୍ତୀ   ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଓଡ଼ିଶା ଦିବସ୍ ପାଲନ୍ ଦିନୁ ଓଡ଼ିଆ ପକ୍ଷ  ପାଲନ୍ କରାଯାଉଛେ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ସଂସ୍କୃତିକେ ନେଇକରି ଏପ୍ରିଲ ୧ ତାରିଖନୁ ଆଏଜ୍‌ତକ୍ ଫିଂ'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।

ଭୁବନେଶ୍ୱର୍ କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟର୍ ପ୍ରେକ୍ଷାଳୟ ନ ଆଏଜ୍ ଉପର୍‌ବେଲା ହେବାର୍‌କେ ଥିବା ଓଡ଼ିଆ ନୂଆବଛର୍ ପାଲନ୍ ଆଉ ଓଡ଼ିଆପକ୍ଷ ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୃଥ୍ୱୀରାଜ୍ ହରିଚନ୍ଦନ୍, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ସଂସ୍କୃତି ମନ୍ତ୍ରୀସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମହାବିଷୁବ ସଂକ୍ରାନ୍ତୀ ସୁରକ୍ଷା ବ୍ୟବସ୍ଥା      ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ରାଏଜେ ଆଏଜ୍ ମହାବିଷୁବ ସଂକ୍ରାନ୍ତୀ ଆଉ ହନୁମାନ ଜୟନ୍ତୀ ପାଳନ ହେବା । ଇଥିର ଲାଗି ପୁଲିସ ତର୍ଫୁ ସାରା ରାଏଜେ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । ଅତି ସମ୍ବେଦନଶୀଳ ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ ସହେତେ ୯ଟା ଜିଲ୍ଲା ଉପ୍ରେ କଡ଼ା ନଜର ରଖାଯାଇଛେ । ହନୁମାନ ଜୟନ୍ତୀ ଅବ୍ସରେ ହେବାର୍କେ ଥିବା ଶୋଭାଯାତ୍ରାଥି ଆଇନ ଶୃଙ୍ଖଳା ରକ୍ଷା କର୍ବାର ଲାଗି ପୁଲିସ ଫୋର୍ସ, କେନ୍ଦ୍ରୀୟ ସଶସ୍ତ୍ର ଆରକ୍ଷୀ ବାହିନୀ ଆଉ ରାପିଡ୍ ଆକ୍ସନ୍ ଫୋର୍ସ ସହେତେ ଜିଲ୍ଲା ପୁଲିସ ମୁତୟନ୍ ହେଇଛନ୍ । ସେଆଡ଼େ ଶୋଭାଯାତ୍ରା ଯାଉଥିବା ଜାଗାମାନ୍କେ ସିସିଟିଭି, ଏଆଇ କେମ୍ରା ଆଉ ଡ୍ରୋନ୍ କେମ୍ରାର୍ ବ୍ୟବସ୍ଥା କରାଯାଇଛେ ।

ମାଇ ଇଣ୍ଡିଆ ବଜେଟ୍ କ୍ୱେଷ୍ଟ          ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଯୁଆନ୍ ପିଢ଼ିଙ୍କର୍ ଆର୍ଥିକ୍ ସଚେତନତା ଆଉ ଦାୟିତ୍ୱବୋଧ ସମୃଦ୍ଧ ଓଡ଼ିଶା ଗଠନ୍‌ର ମୁଳ୍ ଆଧାର୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବନେଶ୍ୱର୍ ଠାନେ 'ମାଇ ଇଣ୍ଡିଆ

ବଜେଟ୍ କ୍ୱେଷ୍ଟ-୨୦୨୬' କାର୍ଯ୍ୟକ୍ରମ୍‌ଥି ଆଭାସୀ ଜରିଏ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ ।

ଶିକ୍ଷକ୍ ବଦ୍‌ଲି -ବିଜ୍ଞପ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଇ ବଛର୍ ପ୍ରାଥମିକ ଶିକ୍ଷକ୍ ବଦ୍‌ଲି ଲାଗି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବଦ୍‌ଲି ଲାଗି ଇଚ୍ଛୁକ୍ ଶିକ୍ଷକ୍‌ମାନେ ଆଏବା କାଏଲ୍‌ଠାନୁ ୩୦ ତାରିଖ୍‌ତକ୍ ଅନ୍‌ଲାଇନ୍ ଜରିଏ ଆବେଦନ୍ କରିପାର୍‌ବେ । ଜୁଲାଇ ୧୮ ତାରିଖ୍‌ତକ୍ ସବୁ ପ୍ରକ୍ରିୟା ଶେଷ୍ କରାଯିବା ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ନିଟ୍ ୟୁଜି ପରୀକ୍ଷା ହି.ସ.

ନିଟ୍ ୟୁଜି ପରୀକ୍ଷା ଆଏବା ମାସର୍ ୩ ତାରିଖ୍ ଦିନ ହେବା । ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍‌ଟିଏ ତର୍‌ଫୁ ଇଥିର୍‌ଲାଗି ବିଜ୍ଞପ୍ତି ଜାରି କରାଯାଇଛେ । ସେଦିନ ଉପର୍‌ବେଲା ୨ ନୁ ୫ ବଜେତକ୍ ଧାରିଜ୍ କେନ୍ଦ୍ରମାନ୍‌କେ ପରୀକ୍ଷା ହେବା । ସାରା ଦେଶେ ୫ ଶହ

୫୨ ଟା ସହର୍ ଆଉ ଦେଶ୍ ବାହାରେ ୧୪ ଟା ଜାଗା ନ ଇ ପରୀକ୍ଷା ହେବା ବଲି ଏନ୍‌ଟିଏ ତରଫୁ କୁହାଯାଇଛେ ।

ରକ୍ତଦାନ୍ ଶିବିର୍         ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ୍ ମହାବିଦ୍ୟାଳୟ ନ ଓଡ଼ିଆ ପକ୍ଷ ପାଳନ୍ ଅବ୍‌ସରେ ଗୁଟେ ରକ୍ତଦାନ୍ ଶିବିର୍ ହେଇଯାଇଛେ । ମହାବିଦ୍ୟାଳୟର୍ ଜାତୀୟ ସେବା ଯୋଜ୍‌ନା, ଏନ୍‌ସିସି ଆଉ ରେଡ଼କ୍ରସ୍‌ର ମିଳିତ୍ ସହଯୋଗ୍‌ଥି ଇ ଶିବିର୍‌ର ଆୟୋଜନ୍ କରାଯାଇଥିଲା । ଛାତ୍ରଛାତ୍ରୀ, ଅଧ୍ୟାପକ୍ ଅଧ୍ୟାପିକା ଇ ଅବ୍‌ସରେ ରକ୍ତଦାନ୍ କରିଥିଲେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ବଛର୍ ମୌସୁମୀ ସମିଆଥି ବର୍ଷା କମ୍ ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତରଫୁ ଆକଳନ୍ କରାଯାଇଛେ । ଏଲ୍‌ନିନୋର ପ୍ରଭାବ୍‌ଥି ସ୍ୱାଭାବିକ୍ ନୁ କମ୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ରାଏଜେ ଖରାର୍ ପ୍ରଭାବ୍ ବଢ଼୍‌ବାର୍‌ଥି ଲାଗିଛେ । ଆଏବା ୭ ଦିନ୍‌ତକ୍ ଜିଲ୍ଲାର ସବୁନୁ ଜହ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼ିପାରେ । ହିଟ୍‌ୱେଭ୍ ଲାଗି ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବଲାଙ୍ଗିର୍ ଆଉ କନ୍ଧମାଲ୍ ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।